## ସଂକ୍ଷେପରେ

# ଦୁର୍ଘଟଣାରେ ଗୋଟିଏ ପରିବାରର ୧୫ ମୃତ

**ମୋରେନା, ୨।୭/ଏଜେନ୍ସି:** ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଯାଉଥିବା ବେଳେ ଗୋଟିଏ ପରିବାରର ୧୫ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ମଧ୍ୟପ୍ରଦେଶର ମୋରେନା ଅଞ୍ଚଳରେ। ଦୁର୍ଘଟଣାରେ ଆହତ ଅନ୍ୟ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜଣେ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଗୋଟିଏ ପରିବାରର ୨୦ ଜଣ ସଦସ୍ୟ ଗ୍ୱାଲିଅରରୁ ମୋରେନା ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ୍‌ରେ ଅନ୍ୟ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଜଣେ ପୁଲିସ୍ ସହିଦ

**ଶ୍ରୀନଗର, ୨।୭/ଏଜେନ୍ସି:** ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀମାନେ ହମ୍‌ଲା କରିଛନ୍ତି। ଏଥିରେ ଜଣେ ପୁଲିସ୍ କର୍ମଚାରୀ ସହିଦ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ ହେବା ପରେ ଏପରି ଆତଙ୍କୀ ହମ୍‌ଲା ପ୍ରଥମ ଘଟଣା। ଗାଲଣ୍ଡେର ବାଇପାସ୍ ନିକଟ କାଣ୍ଡିଜାଲ୍ ଅତିକ୍ରମ କରୁଥିବା ପୁଲିସ୍ ଭ୍ୟାନ୍‌କୁ ଆତଙ୍କବାଦୀମାନେ ଟାର୍ଗେଟ କରି ହମ୍‌ଲା କରିଥିଲେ। ପୁଲିସ୍ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା।